# Akashvani, Sambalpur

## SAMBALPURI NEWS BULLETIN

### 24 February 2025- 6.47- 6.52 am.

*********************************************

ପିଏମ୍ କିଷାନ୍ ସମ୍ମାନ୍‌ନିଧି ଯୋଜ୍‌ନା          ଏନ୍‌ଏସ୍‌ଡି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ପିଏମ୍ କିଷାନ୍ ସମ୍ମାନ୍‌ନିଧି ଯୋଜ୍‌ନାର ୧୯ ନମ୍ବର ଖେପ୍ ସାହାଜ୍ ଟଙ୍କା ବାଂଟବେ । ଇତାର୍‌ଜରିଏ ସାରା ଦେଶର୍ ୯ କୋଟି ୭୦ ଲାଖ୍‌ନୁ ଅଏତ୍‌କା ଚାଷୀ ୨୧ ହଜାର୍ ୫ ଶହ କୋଟି ଟଙ୍କାର୍ ଆର୍ଥିକ୍ ସାହାଜ୍ ପାଇପାର୍‌ବେ ।

ପ୍ରଧାନ୍‌ମନ୍ତ୍ରୀ ବିହାରର ଭାଗଲ୍‌ପୁର ନ ଗୁଟେ ଖାସ୍ କାର୍ଯ୍ୟକ୍ରମଥି ଯୋଗ୍ ଦେଇକରି ସାହାଜ୍ ଟଙ୍କା ଦେବେ । ଇ ଯୋଜ୍‌ନାଥି ହିତାଧିକାରୀ ଚାଷୀ ପରିବାର୍‌କେ ୩ ଟା କିସ୍ତିଥି ବଛର୍‌କ ୬ ହଜାର ଟଙ୍କା ସାହାଜ୍ ଦିଆଯିବା । ଇହାଦେତକ୍ ୧୧ କୋଟି ଚାଷୀ ପରିବାର୍ ୩ ଲାଖ୍ ୪୬ ହଜାର୍ କୋଟିନୁ ଅଏତ୍‌କା ଟଙ୍କାର୍ ଆର୍ଥିକ୍ ସାହାଜ୍ ପାଇସାର୍‌ଲେନ । ଇନ ଜନେଇ

ଦିଆଯାଇପାରେ ଯେ, ୨୦୧୯ ମସିହାଥି ପ୍ରଧାନ୍‌ମନ୍ତ୍ରୀ ଇ ଯୋଜ୍‌ନା ମୁଲ୍ କରିଥିଲେ ।

ଓଡ଼ିଶା ଟ୍ରାଭେଲ୍ ବଜାର୍ କାର୍ଯ୍ୟକ୍ରମ I&PR

ଆଗ୍‌ଧାଡ଼ିର୍ ଅନ୍ତର୍ଜାତୀୟ ବୁଲ୍‌ବାର୍ ଜାଗା ଭାବେ ଓଡ଼ିଶାର୍ ଥିତିକେ ବର୍‌କସ୍ କର୍‌ବାର୍ ଲାଗି ଆଏଜ୍‌ଠାନୁ ଭୁବ୍‌ନେଶ୍ୱର୍ ନ ୬ ନମ୍ବର୍ ଓଡ଼ିଶା ଟ୍ରାଭେଲ୍ ବଜାର୍ -୨୦୨୫ ମୁଲ୍ ହେଉଛେ । ଭାରତୀୟ ବାଣିଜ୍ୟ ଆଉ ଶିଳ୍ପ ମହାସଂଘ - ଫିକି ଆଉ ରାଜ୍ୟ ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ଆୟୋଜିତ୍ ଇ କାର୍ଯ୍ୟକ୍ରମ୍ ଆଏବା ୨୭ ତାରିଖ୍‌ତକ୍ ଚାଲ୍‌ବା । କେନ୍ଦ୍ର ପର୍ଯ୍ୟଟନ୍ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କର୍‌ବେ । ଇଥି ଦେଶର୍ ଶହେ ଟା ଆଉ ୩୦ ନୁ ଅଏତ୍‌କା ବିଦେଶୀ ପର୍ଯ୍ୟଟନ୍ ପରିଚାଳନା ସଂସ୍ଥା ଭାଗ୍ ନେବେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର ୟୁନିଟ୍ ୫ ନଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ନ ଆଏଜ୍ ଶୁଣାଣି ବନ୍ଦ ରହେବା । ଆଏବା

ଶୁଣାଣି ତାରିଖ ସମ୍ବାଦପତ୍ର ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ହସ୍ତତନ୍ତ ପ୍ରଦର୍ଶନୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଏକାମ୍ର ହାଟ ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନ୍‌କର୍ ଗୁଟେ ଖାସ୍ ହସ୍ତତନ୍ତ ପ୍ରଦର୍ଶନୀ ଆଏଜ୍ ମୁଲ୍ ହେବା । ଆଏଜ୍ ବେଲ୍‌ବୁଡ଼େ ରାଜ୍ୟ ହସ୍ତତନ୍ତ ଆଉ ବୟନ ଶିଳ୍ପମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କର୍‌ବେ । ଆଏବା ୧୦ ତାରିଖ୍‌ତକ୍ ହେବାର୍‌କେ ଥିବା ଇ ମେଲା ଦିନର୍ ୧୧ ବଜେନୁ ରାତିର୍ ୧୦ ବଜେତକ୍ ଖୁଲାରହେବା ।

କେନ୍ଦ୍ରମନ୍ତ୍ରୀ-ମୁଖ୍ୟମନ୍ତ୍ରୀ ଚିଠି ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨ ଦିନ୍ ଭିତ୍‌ରେ ବୌଦ୍ଧ ଜିଲ୍ଲା କଂଟାମାଲ୍‌ନୁ ଅନୁଗୁଲ୍‌ର ଆଠ୍‌ମଲ୍ଲିକ୍ ଦେଇକରି ପୁରୀତକ୍ ଚାଲୁଥିବା ଓଏସ୍‌ଆର୍‌ଟିସି ବସ୍ ସେବା ଫେର୍‌ଘାଏ ମୁଲ୍ ହେବା ବଲି ରାଜ୍ୟ ପରିବହନ୍ ମନ୍ତ୍ରୀ

ବିଭୂତି ଭୂଷଣ୍ ଜେନା ସୂଚ୍ନା ଦେଇଛନ୍ । ଗଲାମାସ ୨୮ ତାରିଖ୍ନୁ ଇ ବସ୍ ସେବା ବନ୍ଦ୍ ହେଇଥିବାର୍ନୁ ଭୁବ୍ନେଶ୍ୱର୍, କଟକ୍ ଆର୍ ପୁରୀ ଯିବାର୍ ଲାଗି ଇଲାକାର୍ ଲୁକେ ବହୁତ୍ ଅସୁବିଧା ଭୁଗୁଥିଲେ । ଇ ବାବ୍ଦେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସାମାଜିକ୍ ଗଣମାଧମ୍ ଜରିଏ ମୁଖ୍ୟମନ୍ତ୍ରୀଙ୍କୁ ଜନେଇଥିଲେ ।

ଭାଷା ଡିଜିଟାଲ୍କରଣ କର୍ମଶାଳା          ଆଇ ଆଣ୍ଡ ପିଆର୍

ଓଡ଼ିଆ ଭାଷାକେ ଇଂଟରନେଟ୍ ଜରିଏ ବିଶ୍ୱ ଦର୍ବାର୍ନ ପୁହୁଁଚାବାର୍କେ ଆଉ ଇଥିର୍ ଲାଗି ଓଡ଼ିଆ ଶବ୍ଦ ଭଣ୍ଡାର ଆଉ ଡାଟାବେସ୍ ତିଆର୍ କର୍ବାର୍କେ ଓଡ଼ିଆ ଭର୍ଚୁଆଲ୍ ଏକାଡେମୀ ତର୍ଫୁ ଭିନ୍ ଭିନ୍ ପଦକ୍ଷେପ ନିଆଯାଉଛେ । ଓଡ଼ିଆ ଭାଷାକେ ଡିଜିଟାଲ୍ କର୍ବାର୍ ଲାଗି ଆଉ କାଣା କାଣା ପଦକ୍ଷେପ୍ ନିଆଯିବା ସେ ବାବଦ୍ ଆଲୋଚନା କର୍ବାର୍ ଲାଗି କଲାକାଏଲ୍ ଏକାଡେମୀ ତର୍ଫୁ ଭୁବନେଶ୍ୱର୍ଠାନେ 'ଭାଷା ଓ ଭବିଷ୍ୟତ୍' ଶୀର୍ଷକ୍ଥି ଗୁଟେ ଆଲୋଚନାଚକ୍ର ହେଇଯାଇଛେ । କାର୍ଯ୍ୟକ୍ରମଥି ବହୁତ୍ ଲେଖକ୍, ଭାଷାବିଦ୍, ପ୍ରକାଶକ, ସମ୍ପାଦକ ଆର୍ ଭିନ୍ ଭିନ୍ ବର୍ଗର୍ ଲୋକ୍ ଯୋଗ୍ ଦେଇଥିଲେ ।

ପ୍ରଧାନ୍‌ମନ୍ତ୍ରୀ ଯକ୍ଷ୍ମାମୁକ୍ତ ଆର୍‌ଏନ୍‌ୟୁ/ସମ୍ବଲ୍‌ପୁର୍

ଝାର୍‌ସୁଗୁଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ୍ ସଭା ଗୃହ ନ ପ୍ରଧାନ୍‌ମନ୍ତ୍ରୀ ଯକ୍ଷ୍ମାମୁକ୍ତ କାର୍ଯ୍ୟକ୍ରମ୍‌ର ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ବର୍‌ଗଡ଼୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍ ଯୋଗ୍ ଦେଇକରି ଝାର୍‌ସୁଗୁଡ଼ା ଜିଲ୍ଲା ଦେଶେ ପହେଲା ଯକ୍ଷ୍ମାମୁକ୍ତ ଜିଲ୍ଲା ହେଉ ବଲି କହିଥିଲେ । ଝାର୍‌ସୁଗୁଡ଼ା ବିଧାୟକ୍ ଟଙ୍କଧର୍ ତ୍ରିପାଠୀ ସ୍ୱାସ୍ଥ୍ୟବିଭାଗ୍ ତର୍‌ଫୁ କରାଯାଉଥିବା ଯକ୍ଷ୍ମା ମୁକ୍ତ ଅଭିଯାନ୍‌କେ ତୃଣମୂଲ୍‌ସ୍ତର୍‌ନୁ ନିୟମିତ୍ ଭାବେ ସମୀକ୍ଷା କର୍‌ବାର୍ କଥା ବଲି କହିଥିଲେ ।

ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ମୁର୍ଷୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାନେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ହେଇଯାଇଛେ । ବୌଦ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଉପେନ୍ଦ୍ର କୁମାର୍ ପ୍ରଧାନ୍ କାର୍ଯ୍ୟକ୍ରମ୍ ଉଦ୍‌ଘାଟନ୍ କରିଥିଲେ । କାର୍ଯ୍ୟକ୍ରମ୍‌ଥି ବ୍ଲକ୍‌ର ସିଆର୍‌ସିସି ମାନେ ଯୋଗ୍ ଦେଇକରି ମୌଳିକ ଭାଷା ଆଉ ସଂଖ୍ୟାଜ୍ଞାନ୍ ଲାଗି

ଛୁଆମାନ୍‌କର୍ ବେଭାର୍ ହଉଥିବା ଭିନ୍ ଭିନ୍ ଶିଖ୍‌ବାର୍ ଜିନିଷ୍ ତିଆର୍ କରିଥିଲେ ।

ଜାତୀୟ ସିନିୟର୍ ପୁରୁଷ କବାଡ଼ି ଆର୍‌ଏନ୍‌ୟୁ/ ସମ୍ବଲପୁର

କଟକ୍ ଜବାହାର୍‌ଲାଲ୍ ନେହେରୁ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ଜାତୀୟ ସିନିୟର୍ ପୁରୁଷ କବାଡ଼ି ଚମ୍ପିଆନ୍‌ସିପ୍ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ରେଲ୍‌ୱେକେ ହରେଇକରି ସର୍ଭିସେସ୍ ଚମ୍ପିଆନ୍ ହେଇଛେ । ଉଦ୍‌ଯାପନୀ ଉତ୍ସବ୍‌ଥି ବିଧାୟକ୍ ପ୍ରକାଶ୍ ଚନ୍ଦ୍ର ସେଠୀ ଯୋଗ୍ ଦେଇକରି ବିଜେତା ଦଲ୍‌କେ ପୁରସ୍କୃତ କରିଥିଲେ । ଓଡ଼ିଶା କବାଡ଼ି ସଂଘ ଆଉ ରାଜ୍ୟ କ୍ରୀଡ଼ା ବିଭାଗ୍‌ର କ୍ରୀଡ଼ା ବିଭାଗ୍‌ର ମିଲିତ୍ ସହଯୋଗ୍‌ଥି ୪ ଦିନ୍ ଧରିକରି ଇ ଚମ୍ପିଆନ୍‌ସିପ୍ ଖେଲାଯାଇଥିଲା । ଇଥି ୩୦ ଟା ରାଜ୍ୟ ସହେତେ ୪ ଟା ବିଭାଗୀୟ ଦଲ୍ ଭାଗ୍ ନେଇଥିଲେ ।

ସମ୍ବଲ୍‌ପୁର୍ କପ୍ ଫୁଟ୍‌ବଲ ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଭିଏସ୍‌ଏସ୍ ଷ୍ଟାଡ଼ିୟମ୍ ଠାନେ ଆଏଜ୍‌ଠାନୁ ସମ୍ବଲ୍‌ପୁର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ ମୁଲ୍ ହେବା । ସମ୍ବଲ୍‌ପୁର୍ ଫୁଟ୍‌ବଲ୍ ଏକାଡେମୀ ଆର୍ ସମ୍ବଲ୍‌ପୁର୍ ଜିଲ୍ଲା କ୍ରୀଡ଼ା ସଂଘ ତର୍‌ଫୁ ହେବାର୍‌କେ ଥିବା ଇ ଟୁର୍ଣ୍ଣାମେଂଟ୍ ରାଂଚି, କୋଲ୍‌କାତା, ହାଇଦ୍ରାବାଦ୍, ମୁମ୍ବାଇ ଆର୍ କେରଳ ସହେତେ ଭିନ୍ ଭିନ୍ ରାଜ୍ୟର୍ ଦଲ୍‌ମାନେ ଭାଗ୍ ନେବେ । ଟୁର୍ଣ୍ଣାମେଂଟ୍ ମାର୍ଚ୍ଚ ୩ ତାରିଖ୍‌ତକ୍ ଚାଲ୍‌ବା । ପହେଲାଥର୍ ଲାଗି ସମ୍ବଲ୍‌ପୁରେ ଫ୍ଲଡ଼୍‌ଲାଇଟ୍‌ଥି ମେଚ୍ ଖେଲାଯିବା ବଲି ସମ୍ବଲ୍‌ପୁର୍ କପ୍ ଟୁର୍ଣ୍ଣାମେଂଟ୍ କମିଟିର୍ ଅଧ୍ୟକ୍ଷ ଆର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ସୂଚ୍‌ନା ଦେଇଛନ୍ ।

ପାଣିପାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମାଝଡ଼୍ ପ୍ରଭାବ୍‌ଥି ଆଏବା ୨୪ ଘଂଟାତକ୍ ରାଜ୍ୟର୍ ୮ ଟା ଜିଲ୍ଲା ନ ବର୍ଷା  ସାଙ୍ଗେ ବାଦ୍‌ଲିଆ ପାଗ୍ ଲାଗି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ମୟୁର୍‌ଭଞ୍ଜ୍, କେନ୍ଦୁଝର୍ ଆର୍ ବାଲେଶ୍ୱର୍ ଜିଲ୍ଲା ନ ଆଏଜ୍ ଘଡ଼୍‌ଘଡ଼ି ସାଙ୍ଗେ ଜବର୍ ବର୍ଷା ହେବା ବଲି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ । ଆଏବା ୫ ଦିନ୍ ତକ୍ ରାଜ୍ୟର୍

ସବୁନୁ କମ୍ ତାପମାତ୍ରାଥି ବିଶେଷ୍ ପରିବର୍ତନ୍‌ର ସମ୍ଭାବନା ନାଇଁନ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।